## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ'ଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ ।

**(ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ପଥରଗାଡିଆ ଗ୍ରାମରେ ପଥରଗାଡିଆ ଠାରୁ ମାଇଣ୍ଡ ଟ୍ରୀ ଓ ଗଲ୍ଫକୋର୍ସ ଦେଇ ଓ. ଇ. ଆର.ସି ବିଲଡିଙ୍ଗ ପର୍ଯ୍ୟନ୍ତ ୨୦୦ ଫୁଟିଆ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ )**

### ବୈଧାନିକ ବ୍ୟବସ୍ଥା

ପଥରଗାଡିଆ ଗ୍ରାମରେ ପଥରଗାଡିଆ ଠାରୁ ମାଇଣ୍ଡ ଟ୍ରୀ ଓ ଗଲ୍ଫକୋର୍ସ ଦେଇ ଓ. ଇ. ଆର.ସି ବିଲଡିଙ୍ଗ ପର୍ଯ୍ୟନ୍ତ ୨୦୦ ଫୁଟିଆ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ମୌଜା- ପଥରଗାଡିଆ ରୁ ଏ. ୧୨.୩୬୦ ଡିସିମିଲ ପରିମିତ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ସଂଖ୍ୟା-୩, ଭୁବନେଶ୍ୱର ଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ହୋଇଅଛି ।

### ଅଧିସୂଚନା

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଭୁବନେଶ୍ୱର | ପଥରଗାଡିଆ | ଏ. ୧୨.୩୬୦ ଡି. ମି | ୪୩୬୦୭/ ରାବିପ୍ର ତା ୨୯.୧୧.୨୦୧୮ ରିଖ |

### ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ) ଭୁବନେଶ୍ୱରଙ୍କୁ ହସ୍ତାନ୍ତର କରାଯାଇଥିଲା । ପରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର 'ଲାଇଫ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜ(ଲାଭ୍ସ), ଭୁବନେଶ୍ୱର' ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା,

ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି । ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା-୫)**

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ନିମିତ୍ତ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ଜଣାଇଦିଆଯାଇଥିଲା । ଆୟୋଜିତ ଜନଶୁଣାଣି କାର୍ଯ୍ୟ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣି ର ବିଷଦ ବିବରଣୀ ଚୁଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣିତ ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ମତବ୍ୟକ୍ତ କରିବା ସହ ନିଜର ଜମିକୁ ଉକ୍ତ ପ୍ରକଳ୍ପ ପାଇଁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ସଂଖ୍ୟା-୩, ଭୁବନେଶ୍ୱର ଙ୍କୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ଏଥିରେ ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ, ଓ.ପ୍ର.ସେ, (ବରିଷ୍ଠ), ଭୂ- ଅର୍ଜନ ଅଧିକାରୀ, ଖୋର୍ଦ୍ଧା ମହାଶୟା ପୌରହିତ କରିଥିଲେ ଏବଂ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ସତ୍ୟ ନାରାୟଣ ରଣା, ପ୍ରତିନିଧି, ଲାଇଫ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜ(ଲାଭ୍ସ), ଭୁବନେଶ୍ୱର
୨. ଶ୍ରୀଯୁକ୍ତ ସମ୍ବିତ ଗଡନାୟକ, ତହସିଲଦାର, ଭୁବନେଶ୍ୱର
୩. ଶ୍ରୀଯୁକ୍ତ କାଶୀନାଥ ମଲ୍ଲିକ, ସହ-କାର୍ଯ୍ୟନିର୍ବାହୀ ଯନ୍ତ୍ରି ,(ରାସ୍ତା ଓ ଗୃହ), ବିଭାଜନ-୩, ଭୁବନେଶ୍ୱର
୪. ଶ୍ରୀଯୁକ୍ତ ଦୁଃଖୀଶ୍ୟାମ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ, ଚନ୍ଦକା
୫ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ବାରିକ, ରାଜସ୍ୱ ନିରୀକ୍ଷକ, ଭୂ– ଅର୍ଜନ ଉପବିଭାଗ।

ଏତଦବ୍ୟତୀତ, ସାମାଜିକ ପ୍ରଭାବ ଆକଳନ ସଂସ୍ଥାର ଅଧିକାରୀ ବୃନ୍ଦ, ଜମି ହରାଉଥିବା ପରିବାର, ପଥରଗାଡିଆ ଗ୍ରାମର ଅନ୍ୟ ଅଧିବାସୀ ମାନେ ଶୁଣାଣି ରେ ଅଂଶଗ୍ରହଣ କରିଥିଲେ ।

ଏହି ଜନଶୁଣାଣିର ପ୍ରାରମ୍ଭରେ ଶ୍ରୀଯୁକ୍ତ ସତ୍ୟ ନାରାୟଣ ରଣା, ପ୍ରତିନିଧି, ଲାଇଫ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜ(ଲାଭ୍ସ), ଭୁବନେଶ୍ୱର ନିଜର ପରିଚୟ ପ୍ରଦାନ ସହ ଉପସ୍ଥିତ ସମସ୍ତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହାପରେ ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ, ଭୂ- ଅର୍ଜନ ଅଧିକାରୀ, ଖୋର୍ଦ୍ଧା ଙ୍କୁ ଭୂ-ଅର୍ଜନର ଉଦ୍ଦେଶ୍ୟ ସମ୍ବନ୍ଧରେ କହିବାକୁ ଅନୁରୋଧ କରିଥିଲେ । ଭୂ- ଅର୍ଜନ

ଅଧିକାରୀ ଉକ୍ତ ପ୍ରକଳ୍ପ ନିମିତ୍ତ ଜମି ଅଧିଗ୍ରହଣ ର ଆବଶ୍ୟକତା ତଥା ପ୍ରକଳ୍ପ ର ଉପଯୋଗୀତା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ସଭାରେ ଉପସ୍ଥାପିତ କରିବା ସହ କ୍ଷତିପୂରଣ ରାଶି ନିର୍ଦ୍ଧାରଣର ପ୍ରକ୍ରିୟା ସମ୍ବନ୍ଧରେ ଅବଗତ କରାଇଥିଲେ। ପରେ ଶ୍ରୀଯୁକ୍ତ ସମ୍ବିତ ଗଡନାୟକ, ତହସିଲଦାର, ଭୁବନେଶ୍ୱର ମଧ୍ୟ ଜମି ଅଧିଗ୍ରହଣ ର ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣ ଙ୍କୁ ସୂଚନା ପ୍ରଦାନ କରିବା ସହ ପ୍ରଭାବିତ ଲୋକମାନଙ୍କର ପ୍ରଶ୍ନର ସମୁଚିତ ଉତ୍ତର ଦେଇଥିଲେ ଓ ୨୦୦ ଫୁଟିଆ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକ ମାନଙ୍କର ସାମଗ୍ରିକ ଉନ୍ନତି କିପରି ହେବ, ସେ ବିଷୟରେ ବିଷଦ ଭାବେ ବୁଝାଇଥିଲେ ।

ଏହାପରେ ସାମାଜିକ ପ୍ରଭାବ ଆକଳନକାରୀ ସଂସ୍ଥା ଲାଇଫ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜ(ଲାଭ୍ସ), ଭୁବନେଶ୍ୱରର ସଦସ୍ୟ ସତ୍ୟ ନାରାୟଣ ରଣା, ସାମାଜିକ ଆକଳନ ଚିଠା ବିବରଣୀ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅଧିକାରୀବୃନ୍ଦ ଏବଂ ଜମି ହରାଉଥିବା ଜମିମାଲିକଙ୍କୁ ଚିଠା ବିବରଣୀ ସାରାଂଶର ଏକ ନକଲ ବଣ୍ଟା ଯାଇଥିଲା । ପ୍ରକଳ୍ପ ନିର୍ମାଣ ହେଉଥିବା ଅଞ୍ଚଳରେ ଜନସାଧାରଣ, ଲୋକପ୍ରତିନିଧି, ସାମାଜିକ କର୍ମକର୍ତ୍ତା ତଥା ବରିଷ୍ଠ ନାଗରିକଙ୍କ ସହ ସାକ୍ଷାତକାର ଓ ସମୂହ ଆଲୋଚନାଚକ୍ର ପରେ ସେମାନଙ୍କ ମତାମତ ଓ ପର୍ଯ୍ୟବେକ୍ଷଣ କୁ ନେଇ ଚିଠାଟି ସ୍ପଷ୍ଟଭାବେ ପ୍ରସ୍ତୁତ କରାଯାଇଅଛି ।

ଜନଶୁଣାଣି ରେ ଉପସ୍ଥିତ ଥିବା ଜମି ମାଲିକ ମାନେ ବର୍ତ୍ତମାନ ର ଅଧିସୂଚନା ଏବଂ ବଜାରଦର ଅନୁଯାୟୀ କ୍ଷତିପୂରଣ ନିର୍ଦ୍ଧାରଣ ଓ ତୁରନ୍ତ ପ୍ରଦାନ ପାଇଁ ଅନୁରୋଧ କରିବା ସହ ଅନ୍ୟ କିଛି ପ୍ରସଙ୍ଗ ଯଥା ପ୍ରସ୍ତାବିତ ଭୂ-ଅର୍ଜନ ନକ୍ସାରେ ପରିବର୍ତ୍ତନ ସହ କ୍ଷତିଗ୍ରସ୍ତ ହେବାକୁ ଥିବା ସାଇ ଉପେନ୍ଦ୍ର ଆପାର୍ଟମେଣ୍ଟକୁ ଅଧିଗ୍ରହଣ ରୁ ବାଦ ଦେବା, ଜମି ବଦଳରେ ଜମି ପ୍ରଦାନ କରିବା, ବେସରକାରୀ ଜାଗା ବଦଳରେ ଉପଲବ୍ଧ ସରକାରୀ ଜମିକୁ ଅଧିଗ୍ରହଣ ରେ ସାମିଲ କରିବା, ନୂଆ ଯୋଜନା ପରିବର୍ତ୍ତେ ପୁରୁଣା ଯୋଜନା ଅନୁଯାୟୀ ଜମି ଅଧିଗ୍ରହଣ କରିବା, ଜମିଜମା କାଗଜାତ କୁ ସଂଶୋଧନ କରିବା ଏବଂ ଉପଲବ୍ଧ ଗୋଚର ଜମିର ରକ୍ଷା ଆଦି ବିଚାର କରିବାକୁ କହିଥିଲେ । ଶ୍ରୀମତୀ ତରାସିଆ, ଭୂ- ଅର୍ଜନ ଅଧିକାରୀ,ଉପରୋକ୍ତ ବିଷୟରେ ଥିବା ବୈଧାନିକ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଜମି ହରାଉଥିବା ପ୍ରଜା ମାନଙ୍କୁ ଅବଗତ କରାଇଥିଲେ। ପରିଶେଷରେ, ସଭାରେ ଉତ୍ଥାପିତ ସମସ୍ତ ପ୍ରଶ୍ନର ସମୁଚିତ ଉତ୍ତର ଦେବାପରେ ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

**ପ୍ରକାଶନ (ଧାରା-୬)**

ପ୍ରଭାବିତ ଗ୍ରାମରେ ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନ ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା ୭ ଉପଧାରା ୧ ଅନୁସାରେ "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡାନ୍ତ ସାମାଜିକ ପ୍ରଭାବ ଆକଳନ ।**

<u>ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ</u>

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି । ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ 'ବିଶେଷଜ୍ଞ ଦଳ' ଗଠନ କରାଯାଇଅଛି ।

ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞଙ୍କ ଦଳ

୧. ଜିଲ୍ଲାପାଳ, ଖୋର୍ଦ୍ଧା
୨. ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ)
୩. ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ, ଓ.ପ୍ର.ସେ, (ବରିଷ୍ଠ), ଭୂ- ଅର୍ଜନ ଅଧିକାରୀ, ଖୋର୍ଦ୍ଧା
୪. ଉପ-ଜିଲ୍ଲାପାଳ, ଭୁବନେଶ୍ୱର
୫. ଶ୍ରୀଯୁକ୍ତ ଗଦାଧର ସାହୁ, ଏସ.ଆଇ.ଏ ଟିମ ଲିଡର
୬. ଶ୍ରୀଯୁକ୍ତ ସମୀର କୁମାର ପରିଡା , ସଦସ୍ୟ, ଏସ. ଆଇ. ଏ ଟିମ
୭. ପୂର୍ଣ ଚନ୍ଦ୍ର ଦଲାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ସଂଖ୍ୟା-୩
୮. କାଶୀନାଥ ମଲ୍ଲିକ, ସହକାରୀ ଯନ୍ତ୍ରୀ, ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ସଂଖ୍ୟା-୩
୯. ପ୍ରକଳ୍ପ ବିଶେଷଜ୍ଞ
୧୦. ରାଜଶ୍ରୀ ସାମନ୍ତରାୟ, ସରପଞ୍ଚ, ଚନ୍ଦକା ଗ୍ରା.ପ
୧୧. ପୂର୍ଣ ଚନ୍ଦ୍ର ବେହେରା, ୱାଡ ମେମ୍ବର, ଚନ୍ଦକା ଗ୍ରା.ପ
୧୨. ଉଦୟ ଜେନା, ୱାଡ ମେମ୍ବର, ଚନ୍ଦକା ଗ୍ରା.ପ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ) ଙ୍କୁ ଅଧ୍ୟକ୍ଷ ରୂପେ ମନୋନୟନ କରାଗଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ ।

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚି ମତେ ତା. ୦୪.୦୬.୨୦୧୯ରିଖ ପୂର୍ବାହ୍ନ ଘ.୧୦.୦୦ଣ୍ଟା ସମୟରେ ସଦଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା ରେ ଅନୁଷ୍ଠିତ କରାଯାଇଥିଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।ଏହି ପ୍ରକଳ୍ପ ନିମିତ୍ତ ଜମି ଅଧିଗ୍ରହିତ ହେବାର ଆବଶ୍ୟକତା କୁ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହା ପରେ ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା ।

କ୍ଷତିଗ୍ରସ୍ତ ପରିବାର ମାନେ ହରାଉଥିବା ଜମିର ସଠିକ କ୍ଷତିପୂରଣ ପାଇବା ନିମନ୍ତେ ଆବଶ୍ୟକ ସତ୍ୱଲିପି ପ୍ରସ୍ତୁତ କରିବା ପାଇଁ ତହସିଲରେ ବକେୟା ଥିବା ମୋକଦ୍ଦମା ମାନ ତୁରନ୍ତ ଫଏସଲା କରିବାପାଇଁ ତହସିଲଦାର, ଭୁବନେଶ୍ୱର ଙ୍କୁ ଉପ-ଜିଲ୍ଲାପାଳ, ଭୁବନେଶ୍ୱର ମହାଶୟ ନିର୍ଦ୍ଦେଶ ଦେବାପାଇଁ ପ୍ରସ୍ତାବ ରଖାଗଲା ।

ଉକ୍ତ ଜମିର ସଠିକ ବଜାର ଦର ନିର୍ଦ୍ଧାରଣ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଆଇନ ଆଧାରରେ ନିକଟତମ ମୌଜା ଗୁଡିକରେ ହୋଇଥିବା ସମସ୍ତ ବିକ୍ରି ଦଲିଲ ଗୁଡିକୁ ତର୍ଜମାକରି ସ୍ଥିର କରିବା ସହ  କ୍ଷତିଗ୍ରସ୍ତ ଜମି ମାଲିକ ମାନେ ଯେପରି ସହଜ ଓ ସରଳ ଉପାୟରେ ସେମାନଙ୍କର କ୍ଷତିପୂରଣ ପାଇପାରିବେ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖାଗଲା ।

କ୍ଷତିଗ୍ରସ୍ତ ହେଉଥିବା ବୃକ୍ଷ ନିମିତ ଉଚିତ କ୍ଷତିପୂରଣ ପ୍ରଦାନ ସହ ଏଥିଯୋଗୁ ପରିବେଶ ଉପରେ ପଡିବାକୁ ଥିବା ପ୍ରଭାବ କୁ ହ୍ରାସ କରିବା ପାଇଁ ଯଥେଷ୍ଟ ପରିମାଣରେ ବୃକ୍ଷ ରୋପଣ କାର୍ଯ୍ୟ କରିବାକୁ ପ୍ରସ୍ତାବ ରଖାଗଲା ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ । ବିଶେଷଜ୍ଞ ଦଳ ଏହି ଜମି ଅଧିଗ୍ରହଣରେ ସାମୁହିକ ସ୍ୱାର୍ଥ ଜଡିତ ରହିଛି ବୋଲି ହୃଦବୋଧ କଲେ, କାରଣ ଏହି ପ୍ରକଳ୍ପ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଗମନାଗମନର ସୁବିଧା ସହିତ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆସିବ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଧକ୍ଷ
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ଖୋର୍ଦ୍ଧା